# NATIONAL NEWS BULLETIN (ODIA)

## 20 March- 2025

## Mid Bulletin : 1.50 p.m.

---

# ମୁଖ୍ୟ ସମ୍ବାଦ

- ସୀମା ନିର୍ଦ୍ଧାରଣ ପ୍ରସଙ୍ଗ ନେଇ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ଗୃହ ଅପରାହ୍ଣ ୨ଟା ଯାଏଁ ମୁଲତବୀ ।

- ବିଫଳତାକୁ ଲୁଚାଇବା ପାଇଁ ଡିଏମ୍‌କେ ସଂସଦରେ ହଟ୍ଟଗୋଳ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ଅଭିଯୋଗ ।

- ପାର୍ସୀ ନବବର୍ଷ ନବରୋଜ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ।

- ନୂଆଦିଲ୍ଲୀରେ ଆଜି ଆରମ୍ଭ ହେବ ଖେଲୋ ଇଣ୍ଡିଆ ପାରାଗେମ୍‌ସର ଦ୍ୱିତୀୟ ସଂସ୍କରଣ ।

ଏବଂ

- ଟିମ୍ ଇଣ୍ଡିଆ ପାଇ ୫୮ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କଲା ବିସିସିଆଇ ।

---

# ପାର୍ଲ୍ୟାମେଣ୍ଟ ଆଡଜର୍ଣ୍ଣ୍ଡ

ଉଭୟ ଲୋକସଭା ଓ ରାଜ୍ୟସଭାକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ସୀମା ନିର୍ଦ୍ଧାରଣ ପ୍ରସଙ୍ଗ ନେଇ ଡିଏମ୍‌କେ ସମେତ ଅନ୍ୟ ବିରୋଧୀଦଳ ଗୁଡ଼ିକ ବିରୋଧ ପ୍ରଦର୍ଶନ କରିବା ପରେ ଉଭୟ ଗୃହକୁ ମୁଲତବୀ କରାଯାଇଛି ।

ଆଜି ଲୋକସଭା ମଧ୍ୟାହ୍ନ ୧୨ଟାରେ ପ୍ରଥମ ମୁଲତବୀ ପରେ ଆରମ୍ଭ ହେବା ମାତ୍ରେ ଡିଏମ୍‌କେ ସାଂସଦମାନେ ପ୍ରସ୍ତାବିତ ସୀମା ନିର୍ଦ୍ଧାରଣ ପ୍ରସଙ୍ଗରେ ପ୍ରତିବାଦ କରିଥିଲେ । ବିରୋଧକରୁଥିବା ସଦସ୍ୟମାନେ ଟି-ସାର୍ଟ ପିନ୍ଧିଥିବା ନେଇ ପିଠାସୀନ ଅଧିକାରୀ ଆପତ୍ତି କରିଥିଲେ । ଡିଏମ୍‌କେ ସାଂସଦ ଓ କେତେକ କଂଗ୍ରେସ ସଦସ୍ୟ ହଟ୍ଟଗୋଳ କରିବାରୁ ଲୋକସଭାକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା । ଆଜି ସକାଳେ ସୀମା ନିର୍ଦ୍ଧାରଣ ପ୍ରସଙ୍ଗକୁ ନେଇ ବିରୋଧ ପ୍ରଦର୍ଶନ କରୁଥିବା ଡିଏମ୍‌କେ ସାଂସଦମାନେ ଅଲଗା ପୋଷାକ ପିନ୍ଧିଥିବାରୁ ବାଚସ୍ପତି ଓମ୍‌ବିର୍ଲା ଆପତ୍ତି କରିଥିଲେ । ପରେ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା ।

ବାଚସ୍ପତି ଓମ୍ ବିର୍ଲା କହିଛନ୍ତି ଗୃହ ନିୟମ ଅନୁଯାୟୀ ଚାଲିବ ଏବଂ କିଛି ସଦସ୍ୟ ଗୃହର ମର୍ଯ୍ୟାଦା ଓ ନିୟମକୁ କ୍ଷୁଣ୍ଣ କରିଛନ୍ତି । ସେ କହିଛନ୍ତି ଗୃହମଧ୍ୟରେ ଟି-ସାର୍ଟ ପିନ୍ଧିବା ନିୟମ ବର୍ହିଭୂତ ହୋଇଥିବାରୁ ସେ ଏହାକୁ ଅନୁମତି ଦେବେନାହିଁ । ଶ୍ରୀ ବିର୍ଲା ଟି-ସାର୍ଟ ପିନ୍ଧିଥିବା ସଦସ୍ୟମାନଙ୍କୁ

ଗୃହରୁ ବାହାରକୁ ଯିବାକୁ କହିଥିଲେ; କିନ୍ତୁ ଡିଏମ୍‌କେ ଓ ଅନ୍ୟ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ସୃଷ୍ଟି କରିଥିଲେ ।

ରାଜ୍ୟସଭାରେ ମଧ୍ୟ ହଟ୍ଟଗୋଳ ଯୋଗୁଁ ଗୃହକୁ ତିନିତିନିଥର ମୁଲତବୀ ରଖାଯାଇଥିଲା । ସକାଳେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ପ୍ରଥମେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ, ପରେ ୧୨ଟା ୧୫ ଏବଂ ତୃତୀୟଥର ଲାଗି ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା । ରାଜ୍ୟସଭାରେ ମଧ୍ୟ ଡିଏମ୍‌କେ ସାଂସଦମାନେ ଟି-ସାର୍ଟ ପିନ୍ଧିବା ପ୍ରସଙ୍ଗ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଥିଲା ।

---

# ଯୋଶୀ

ତାମିଲନାଡୁରେ ନିଜର ବିଫଳତାକୁ ଲୁଚାଇବା ପାଇଁ ଡିଏମ୍‌କେ ସଂସଦରେ ପ୍ରସ୍ତାବିତ ସୀମା ନିର୍ଦ୍ଧାରଣ ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଅଭିଯୋଗ କରିଛନ୍ତି । ସଂସଦ ବାହାରେ ଆଜି ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା ସମୟରେ ଶ୍ରୀ ଯୋଶୀ କହିଛନ୍ତି କେନ୍ଦ୍ର ସରକାର ଦକ୍ଷିଣ ଭାରତ ପ୍ରତି କୌଣସି ଅନ୍ୟାୟ ହେବାକୁ ଦେବେନାହିଁ । ଜନଗଣନା ପରେ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା କରାଯିବ ବୋଲି ସେ କହିଛନ୍ତି ।

**V/O (Joshi)**

ଅନ୍ୟପକ୍ଷରେ ସୀମା ନିର୍ଦ୍ଧାରଣ ପ୍ରସଙ୍ଗକୁ ନେଇ ଡିଏମ୍‌କେ ପକ୍ଷରୁ କୁହାଯାଇଛି ଦଳ ନିରପେକ୍ଷ ସୀମା ନିର୍ଦ୍ଧାରଣ ଉପରେ ଗୁରୁତ୍ୱ ଦେଉଛି । ଏହି ପ୍ରସଙ୍ଗରେ ଦଳ କେନ୍ଦ୍ର ସରକାରଙ୍କଠାରୁ ସ୍ପଷ୍ଟୀକରଣ ଚାହୁଁଥିବା କୁହାଯାଇଛି ।

---

# ନବରୋଜ

ପାର୍ସୀ ନବବର୍ଷ ନବରୋଜ ଆଜି ପାଳିତ ହେଉଛି । ଶାନ୍ତି ଏବଂ ସମୃଦ୍ଧିର ପ୍ରତୀକ ଭାବେ ପରିଚିତ ଏହି ପର୍ବ ପାର୍ସୀ ସମ୍ପ୍ରଦାୟର ସବୁଠାରୁ ବଡ ପର୍ବ ଅଟେ । ଏହାଛଡା ନବରୋଜ ମଧ୍ୟ ଅନୁତାପର ଦିନ ଅଟେ । ଏହିଦିନ ମନକୁ ଶୁଦ୍ଧ କରିବା ସହ ପ୍ରେମ ଓ ଶାନ୍ତିରେ ନୂଆବର୍ଷ ଆରମ୍ଭ କରିବା ପାଇଁ ଉତ୍ସର୍ଗୀକୃତ । ଏହି ଅବସରରେ ପାର୍ସୀ ସମ୍ପ୍ରଦାୟର ଲୋକମାନେ ପାରମ୍ପରିକ ପୋଷାକ ପିନ୍ଧି ଅଗ୍ନିମନ୍ଦିରକୁ ଯାଇ କ୍ଷୀର, ଫଳ, ଫୁଲ ଓ ଚନ୍ଦନ ଅର୍ପଣ କରିଥାନ୍ତି । ଅଗ୍ନିମନ୍ଦିରର ଅନ୍ୟନାମ ହେଉଛି ଅଗିଆରି ।

ମୁମ୍ବାଇ ଏବଂ ଉପାନ୍ତ ଅଞ୍ଚଳରେ ପାର୍ସୀ ସମ୍ପ୍ରଦାୟର ଜନସଂଖ୍ୟା ଅଧିକ ରହିଛି । ଆଜିର ଦିନରେ ପାର୍ସୀ ସମ୍ପ୍ରଦାୟ ଲୋକମାନେ ଏକତ୍ର ହେବା ଏବଂ ଏକାଠି ଭୋଜନ କରିବାରେ ସନ୍ତୋଷଲାଭ କରିଥାନ୍ତି ।

# ପିଏମ୍ - ନବରୋଜ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାର୍ସୀ ନବବର୍ଷ ନବରୋଜ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି ଏହିଦିନ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଓ ଉତ୍ତମ ସ୍ୱାସ୍ଥ୍ୟ ଆଣିଦେଇଥାଏ । ଆଗାମୀ ବର୍ଷ ସଫଳତା ଓ ପ୍ରଗତିରେ ପରିଣତ ହେବା ସହ ସୌହାର୍ଦ୍ଦ୍ୟର ବନ୍ଧନ ସୁଦୃଢ଼ ହେଉ ବୋଲି ଶ୍ରୀ ମୋଦୀ କାମନା କରିଛନ୍ତି ।

## ସିଆଇଆଇ-ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଆଜି ନୂଆଦିଲ୍ଲୀରେ ଭାରତୀୟ ଶିଳ୍ପ ମହାସଂଘ-ସିଆଇଆଇର ଦଶମ ଭାରତ - ପ୍ରକୃତ ନିୟନ୍ତ୍ରଣ ରେଖା ସମ୍ପର୍କିତ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି । ସେ କହିଛନ୍ତି ବର୍ତ୍ତମାନ ସମୟରେ ବିଶ୍ୱ ଏକ ଅନିଶ୍ଚିତ ଏବଂ ଅସ୍ଥିର ସମୟ ଦେଇ ଗତିକରୁଛି । ସେ କହିଛନ୍ତି କୋଭିଡ-୧୯ ମହାମାରୀ ଏବଂ ଏହାର ଦୀର୍ଘମିଆଦି ପରିଣାମ ବିକାଶଶୀଳ ଦେଶଗୁଡ଼ିକୁ ପ୍ରଭାବିତ କରିଛି । ଏହାଦ୍ୱାରା ନିରନ୍ତର ବିକାଶ ଲକ୍ଷ୍ୟ ପୂରଣ ଉଦ୍ଦେଶ୍ୟ ମଧ୍ୟ ପ୍ରଭାବିତ ହୋଇଛି । ଡକ୍ଟର ଜୟଶଙ୍କର କହିଛନ୍ତି ଖାଦ୍ୟ, ଇନ୍ଧନ ଏବଂ ସାର କ୍ଷେତ୍ରରେ ୟୁକ୍ରେନ୍‌ର ସଂଘର୍ଷ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ପାଲଟିଛି । ବର୍ତ୍ତମାନ ସମୟରେ ବିଶ୍ୱ ଅର୍ଥନୀତିକୁ ବିପଦମୁକ୍ତ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।

---

## ଖେଲୋ ଇଣ୍ଡିଆ ପାରାଗେମ୍‌ସ

ଖେଲୋ ଇଣ୍ଡିଆ ପାରା ଗେମ୍‌ସର ଦ୍ୱିତୀୟ ସଂସ୍କରଣ ଆଜି ଅପରାହ୍ଣରେ ନୂଆଦିଲ୍ଲୀର ଆଇ.ଜି ଷ୍ଟାଡିୟମର କେଡି ଯାଦବ ହଲ୍‌ରେ ଆରମ୍ଭ ହେବ । ପ୍ରସାର ଭାରତୀର ସ୍ପୋର୍ଟ୍‌ସ ୟୁ-ଟ୍ୟୁବ୍ ଚ୍ୟାନେଲରେ ଉଦ୍‌ଘାଟନୀ ଉତ୍ସବର ସିଧାପ୍ରସାରଣ କରାଯିବ ।

### ଓପ୍‌ନିଂ ସଙ୍ଗ

ରାଜଧାନୀ ଦିଲ୍ଲୀର ୩ଟି ସ୍ଥାନରେ ଦ୍ୱିତୀୟ ଖେଲୋଇଣ୍ଡିଆ ପାରାଗେମ୍‌ସ ଆରମ୍ଭ ହେଉଥିବାବେଳେ ୬ଟି କ୍ରୀଡ଼ା ବିଭାଗରେ ଏକହଜାର ୩୦୦ରୁ ଅଧିକ ପାରା କ୍ରୀଡ଼ାବିତ୍ ଭାଗନେବେ । ଏହି

କ୍ରୀଡ଼ାରେ ୩୫୦ରୁ ଅଧିକ ସହାୟକ କର୍ମଚାରୀ ଅଂଶଗ୍ରହଣ କରିବେ । ଗତକାଲି ୨୦୦ରୁ ଅଧିକ ସ୍ୱେଚ୍ଛାସେବୀ ଜେ.ଏଲ୍.ଏନ୍ ଷ୍ଟାଡିୟମରେ ଏକତ୍ର ହୋଇ ମକ୍‌ଡ୍ରିଲ ଏବଂ ବ୍ୟାୟାମରେ ଅଂଶଗ୍ରହଣ କରିଥିଲେ । ଯାହାଫଳରେ ସେମାନେ ପାରା ଆଥ୍‌ଲେଟ୍‌ମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇପାରିବେ ।

ଇତିମଧ୍ୟରେ ଆଜି ସକାଳୁ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ପାରା ବ୍ୟାଡମିଣ୍ଟନ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ଅନ୍ୟପକ୍ଷରେ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଆସନ୍ତାକାଲିଠାରୁ ପାରା ଆଥଲେଟିକ୍ସ ଓ ଶନିବାରଠାରୁ ପାରା ଆର୍‌ଚେରି ଓ ରବିବାରଠାରୁ ପାରା ପାୱାରଲିଫ୍ଟିଂ ଆରମ୍ଭ ହେବ । ମାର୍ଚ୍ଚ ୨୫ରୁ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ପାରା ଟେବୁଲ ଟେନିସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଆସନ୍ତାକାଲି ଡକ୍ଟର କର୍ଣ୍ଣି ସିଂହ ସୁଟିଂ ରେଞ୍ଜରେ ପାରା ସୁଟିଂ ଅନୁଷ୍ଠିତ ହେବ । ଚଳିତ ପାରା ଆଥଲେଟିକ୍ସ ପ୍ରତିଯୋଗିତାରେ ଫୁଟବଲକୁ ବାଦ୍ ଦିଆଯାଇଛି । ପାରା ଆଥଲେଟିକ ଗେମ୍ସର ଖେଳଗୁଡ଼ିକ ଦୂରଦର୍ଶନ ଚ୍ୟାନେଲ ଗୁଡ଼ିକରେ ସିଧାସଳଖ ପ୍ରସାରିତ ହେବ ।

---

## ଏମ୍‌ସିଏ-ପିଏମ୍ ଇଣ୍ଟର୍ନସିପ ସ୍କିମ୍

ପ୍ରଧାନମନ୍ତ୍ରୀ ଇଣ୍ଟର୍ନସିପ୍ ଯୋଜନାରେ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଭୁକ୍ତ କରିବା ଲାଗି କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଏକ ଆଲୋଚନା ଆୟୋଜନ କରିଥିଲା । ଏଥିରେ ଆବେଦନ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତରଦେବା ଏବଂ ମନ୍ତ୍ରଣାଳୟର ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଇଥିଲା । ପ୍ରତ୍ୟେକ ସପ୍ତାହରେ ମନ୍ତ୍ରଣାଳୟ ଏଭଳି ମୁକ୍ତ ଆଲୋଚନା କରିବାକୁ

ଯୋଜନା କରିଛି, ଯାହା ଛାତ୍ରଛାତ୍ରୀମାନଙ୍କ ଇଣ୍ଟର୍ନସିପ୍ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ପ୍ରଦାନ କରିବ ବୋଲି ଜଣାପଡିଛି ।

## ଆର୍‌ବିଆଇ– କୋପଅରେଟିଭ୍ ବ୍ୟାଙ୍କ

ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ସହରାଞ୍ଚଳ ସମବାୟ ବ୍ୟାଙ୍କଗୁଡ଼ିକୁ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଏବଂ ସାଇବର ସମ୍ବନ୍ଧୀୟ ବିପଦଗୁଡ଼ିକ ବିରୋଧରେ ସତର୍କ ରହିବା ଲାଗି ପରାମର୍ଶ ଦେଇଛନ୍ତି। ସେ ଗ୍ରାହକମାନଙ୍କୁ ଉଚ୍ଚମାନର ସେବା ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ସହରାଞ୍ଚଳ ସମବାୟ ବ୍ୟାଙ୍କଗୁଡ଼ିକ ସେମାନଙ୍କ ଦାୟିତ୍ୱ ପ୍ରତି ସଚେତନ ରହିବାର ଆବଶ୍ୟକତା ରହିଛି। ସହରାଞ୍ଚଳ ସମବାୟ ବ୍ୟାଙ୍କର ଅଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଆର୍.ବି.ଆଇ. ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଏହା କହିଛନ୍ତି।

ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ସୁଦୃଢ଼ କରିବା କ୍ଷେତ୍ରରେ ସହରାଞ୍ଚଳ ସମବାୟ ବ୍ୟାଙ୍କଗୁଡ଼ିକର ଭୂମିକାକୁ ଶ୍ରୀ ମାଲହୋତ୍ରା ପ୍ରଶଂସା କରି କହିଛନ୍ତି, ଏହାର ଅଭିବୃଦ୍ଧିରେ ରିଜର୍ଭ ବ୍ୟାଙ୍କ ସମର୍ଥନ ଜାରି ରଖିବ।

## ଇଣ୍ଟରନ୍ୟାସନାଲ ହାପିନେସ୍ ଡେ

ଆଜି ସାରା ବିଶ୍ୱରେ ଆନ୍ତର୍ଜାତିକ ଖୁସି ଦିବସ ପାଳନ କରାଯାଉଛି । ସମଗ୍ର ବିଶ୍ୱରେ ମଣିଷ ଜୀବନରେ ସୁଖ ଓ କଲ୍ୟାଣର ସାର୍ବଜନୀନ ଲକ୍ଷ୍ୟ ଓ ଆକାଂକ୍ଷା ଭାବରେ ପ୍ରାସଙ୍ଗିକ ନୀତିକୁ ସ୍ୱୀକୃତି ଦେବାପାଇଁ ଏହି ଦିବସ ପାଳନ କରାଯାଏ । ଚଳିତବର୍ଷ ଏହି ଦିବସର

ବାର୍ତ୍ତା ରହିଛି 'ଯତ୍ନ ନେବା ଏବଂ ଭାଗିଦାର ହେବା' ଆନ୍ତର୍ଜାତିକ ଖୁସି ଦିବସ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏକ ସମାବେଶୀ ଏବଂ ସନ୍ତୁଳିତ ଆଭିମୁଖ୍ୟର ଆବଶ୍ୟକତାକୁ ମଧ୍ୟ ଗ୍ରହଣ କରିଥାଏ । ଏହାଦ୍ୱାରା ସ୍ଥାୟୀ ବିକାଶ, ଦାରିଦ୍ର୍ୟ ଦୂରୀକରଣ ଏବଂ ସମସ୍ତ ଲୋକଙ୍କ କଲ୍ୟାଣକୁ ପ୍ରୋତ୍ସାହନ ମିଳିଥାଏ ।

ଏହି ଦିବସ ଅବସରରେ ଜାତିସଂଘ ଏକ ରିପୋର୍ଟ ଜାରି କରିଛି । ରିପୋର୍ଟରେ ଆତ୍ମସନ୍ତୋଷ ଲାଭ କରିବା କ୍ଷେତ୍ରରେ ଅନେକଗୁଡ଼ିଏ ବିଷୟ ଓ ଏହାର ସମାଧାନ ଦିଗ ସମ୍ପର୍କରେ କୁହାଯାଇଛି । ଖାଦ୍ୟ ବାଣ୍ଟିବା ଦ୍ୱାରା ସୁଖ ଏବଂ ସାମାଜିକ ସମ୍ପର୍କକୁ ସମର୍ଥନ ମିଳିଥାଏ ବୋଲି ରିପୋର୍ଟରେ କୁହାଯାଇଛି । ସୂଚନାଯୋଗ୍ୟ ଜାତିସଂଘର ୨୦୧୨ରେ ଅନୁଷ୍ଠିତ ସାଧାରଣ ସଭାରେ ମାର୍ଚ୍ଚ ୨୦ ତାରିଖକୁ ଅନ୍ତର୍ଜାତୀୟ ଖୁସି ଦିବସ ଭାବେ ଘୋଷଣା କରାଯାଇଥିଲା ।

## ବିସିସିଆଇ ଆୱାର୍ଡ

ଚଳିତବର୍ଷର ଆଇସିସି ଚମ୍ପିଆନ୍ସ ଟ୍ରଫି ଜିତିବା ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ-ବିସିସିଆଇ ଟିମ୍ ଇଣ୍ଡିଆ ପାଇଁ ୫୮ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛି । ବିସିସିଆଇ ପକ୍ଷରୁ କୁହାଯାଇଛି ଏହି ଆର୍ଥିକ ମାନ୍ୟତା ଖେଳାଳି, ପ୍ରଶିକ୍ଷକ, ସହଯୋଗୀ କର୍ମଚାରୀ ଓ ଚୟନ ସମିତିର ସଦସ୍ୟମାନଙ୍କୁ ସମ୍ମାନିତ କରିବା ପାଇଁ ଉଦ୍ଦିଷ୍ଟ । ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଆଇସିସି ଚାମ୍ପିଆନ୍ସ ଟ୍ରଫିର ସମସ୍ତ ମ୍ୟାଚ୍‌ରେ ବିଜୟୀ ହେବା ସହ ଫାଇନାଲ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୪ ୱିକେଟ୍‌ରେ ପରାସ୍ତ କରିଥିଲା । ବିସିସିଆଇ

ଅଧ୍ୟକ୍ଷ ରୋଜର ବିନ୍ନି କହିଛନ୍ତି ଲଗାତର ଆଇସିସି ଟାଇଟଲ ଜିତିବା ବିଶ୍ୱସ୍ତରରେ ଟିମ୍ ଇଣ୍ଡିଆର ସମର୍ପଣ ଓ ଉତ୍କର୍ଷତାକୁ ପ୍ରତିପାଦିତ କରୁଛି ।

ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା କହିଛନ୍ତି ଭାରତୀୟ କ୍ରିକେଟ ଦକ୍ଷତା ଓ ମାନସିକ ଦୃଢ଼ତାର ମଜଭୁତ ଭିତ୍ତିଭୂମି ଉପରେ ନିର୍ମିତ ।

## ସ୍ୱିସ୍ ଓପନ୍ ବ୍ୟାଡମିଣ୍ଟନ

ସ୍ୱିଜରଲାଣ୍ଡର ବାସେଲ୍‌ଠାରେ ଚାଲିଥିବା ସ୍ୱିସ୍ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ମହିଳା ଡବଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ଭାରତର ତ୍ରିଶା ଜଲି ଓ ଗାୟତ୍ରୀ ଗୋପିଚାନ୍ଦ ଆଜି ଜର୍ମାନୀର ସେଲିନ ହବସ୍ ଏବଂ ଆମେଲି ଲେହମାନ୍‌ଙ୍କ ମଧ୍ୟରେ ମୁକାବିଲା ହେବ। ଗତକାଲି ପ୍ରଥମ ରାଉଣ୍ଡରେ ସୁଇଜରଲାଣ୍ଡ ଯୋଡ଼ିଙ୍କୁ ଭାରତୀୟ ମହିଳା ଯୋଡ଼ି ୨୧-୧୬, ୨୧-୧୭ରେ ପରାସ୍ତ କରିଥିଲେ।

ଅନ୍ୟପକ୍ଷରେ ପି.ଭି.ସିନ୍ଧୁ ମହିଳା ସିଙ୍ଗିଲ୍ସର ପ୍ରଥମ ରାଉଣ୍ଡରେ ଡେନମାର୍କର ଖେଳାଳିଙ୍କଠାରୁ ୧୭-୨୧, ୧୯-୨୧ରେ ପରାସ୍ତ ହୋଇଥିବା ବେଳେ ମାଳବିକା ବଂଶୋଦ କାନାଡ଼ାର ଖେଳାଳିଙ୍କଠାରୁ ୨୨-୨୦, ୧୪-୨୧, ୧୯-୨୧ରେ ପରାସ୍ତ ହୋଇଛନ୍ତି।

ପୁରୁଷ ସିଙ୍ଗିଲ୍‌ସରେ ଭାରତର କିଦାମ୍ବି ଶ୍ରୀକାନ୍ତ' ଏଚ୍.ଏସ୍.ପ୍ରଣୟଙ୍କୁ ୨୩-୨୧, ୨୩-୨୧ରେ ପରାସ୍ତ କରିଛନ୍ତି।